**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**05th October - 2024**

**News Editor : *Tapan Kumar Maharana***

*********************************

***Desk***

# ପି.ଏମ୍. - କିଷାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୧୮ତମ କିସ୍ତି ପ୍ରଦାନ କରିବେ । ଦେଶର ୯ କୋଟି ୪୦ ଲକ୍ଷ କୃଷକଙ୍କୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯିବ । ରାଜ୍ୟର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ପି.ଏମ୍. କିଷାନ ଯୋଜନାର ଲାଭ ପାଇବେ । ସୂଚନା ଅନୁସାରେ, ବର୍ତ୍ତମାନ ସୁଦ୍ଧା ୧୧ କୋଟିରୁ ଅଧିକ କୃଷକଙ୍କ ବ୍ୟାଙ୍କ୍ ଖାତାକୁ କେନ୍ଦ୍ର ସରକାର ଏହି ଯୋଜନାରେ ୩ ଲକ୍ଷ ୨୫ ହଜାର କୋଟିରୁ ଅଧିକ ଟଙ୍କା ଦେଇଛନ୍ତି । ପି.ଏମ୍. କିଷାନ କିସ୍ତି ବଣ୍ଟନ ଲାଗି ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

***BBSR/R***

# ନିଯୁକ୍ତିମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ୧୬ ହଜାର ୯ ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଦ୍ୱାରା ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମାର୍ଗଦର୍ଶନ କରାଇବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଯୋଗଦେବେ ।

***Desk***

# ହବିଷ୍ୟାଳୀ ପଞ୍ଜୀକରଣ

ପୁରୀରେ ଚଳିତ ବର୍ଷ କାର୍ତ୍ତିକ ମାସରେ ହବିଷ୍ୟାଳୀମାନଙ୍କ ବ୍ରତପାଇଁ ଆସନ୍ତାକାଲିଠାରୁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହେବ। ପଞ୍ଜୀକରଣ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ହବିଷ୍ୟାଳୀମାନଙ୍କର ରହଣି ସହିତ ମହାପ୍ରସାଦ ସେବନପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ହବିଷ୍ୟାଳୀ ଯୋଜନାରେ ୨ ହଜାର ୫ ଶହ ଜଣ

ପଞ୍ଜୀକରଣ କରିପାରିବେ । ନିର୍ଦ୍ଧାରିତ ୱେବ୍‌ସାଇଟ୍ edistrict.odisha.gov.in ମାଧ୍ୟମରେ ପଞ୍ଜୀକରଣ କରାଯାଇପାରିବ ।

***BBSR/R***

## ବିପର୍ଯ୍ୟୟ ପରିଚାଳନା ବୈଠକ

ଜିଲ୍ଲା ଏବଂ ପୌରାଞ୍ଚଳର ରାସ୍ତାଘାଟ ଓ ଜଳଯୋଗାଣ ସମସ୍ୟାର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବା ଲାଗି ଗତକାଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଏକ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ସହରାଞ୍ଚଳର ସାମୂହିକ ବିକାଶ ଓ ସୁବର୍ଣ୍ଣପୁର ଜିଲ୍ଲାର ନୂଆ ବସ୍‌ଷ୍ଟାଣ୍ଡର ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

***Kalahandi/R***

## କପା କ୍ରୟ ବୈଠକ

କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ ଜିଲ୍ଲାପାଳ ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କପା ଚାଷୀମାନେ ଯେଉଳି

ସୁବିଧାରେ ମଣ୍ଡିକୁ କପା ନେଇ ବିକ୍ରି କରିପାରିବେ, ବୈଠକରେ ଆଲୋଚନା ହୋଇଥିଲା । ଆସନ୍ତା ନଭେମ୍ବର ମାସ ୨୬ ତାରିଖରେ କପାମଣ୍ଡି ଖୋଲିବା ନେଇ ନିଷ୍ପତ୍ତି ହୋଇଛି ।

***Desk***

# ସାଇବର ଥାନା

ରାଜ୍ୟର ସବୁ ଜିଲ୍ଲାରେ ସାଇବର ଥାନା ସ୍ଥାପନ କରିବା ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି । ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାପାଇଁ ୧୪ଟି ସାଇବର ଥାନା କାର୍ଯ୍ୟ କରୁଛି । ଅଧିକ ସାଇବର ଥାନା ଖୋଲିବା ପାଇଁ ରାଜ୍ୟ ସରକାର କି କି ଯୋଜନା କରୁଛନ୍ତି, ତାହାର ତଥ୍ୟ ଦେବାପାଇଁ ହାଇକୋର୍ଟ କହିଛନ୍ତି ।

***Bhadrak/R***

# ସଚିବ ଗସ୍ତ

ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପୂନମ୍ ତାପସ କୁମାର ତିନିଦିନିଆ ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ସେଠାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ କରିଛନ୍ତି । ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*PIB*

# ଜୈବ ବିଜ୍ଞାନ ସମ୍ମିଳନୀ

ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନଠାରେ ତୃତୀୟ ଜୀବ ବିଜ୍ଞାନ ଷ୍ଟାର୍ଟଅପ୍ ଶିଖର ସମ୍ମିଳନୀର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଛି । ସମ୍ମିଳନୀରେ କେନ୍ଦ୍ର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗର ସଚିବ ପ୍ରଫେସର ଡକ୍ଟର ରାଜେଶ ଏସ୍. ଗୋଖଲେ କହିଛନ୍ତି, ୨୦୩୦ ମସିହା ସୁଦ୍ଧା ଭାରତୀୟ ଅର୍ଥ ବ୍ୟବସ୍ଥାରେ ଜୈବ ପ୍ରଯୁକ୍ତିବିଦ୍ୟା ୪ରୁ ୬ ପ୍ରତିଶତ ଯୋଗଦାନ ରହିବ । ସମ୍ମିଳନୀରେ ଜୈବ ଆଧାରିତ ୫ଟି ବିଷୟବସ୍ତୁ ଉପରେ ଆଲୋଚନା ହୋଇଛି ।

*IPR*

# ଡାଇରିଆ

କନ୍ଧମାଳ ଜିଲ୍ଲା କୋଟେଗଡ଼ ବ୍ଲକ୍ ଅନ୍ତର୍ଗତ କାନିବାରୁ ଓ ସିନ୍ଧିବାଲି ଗ୍ରାମରେ ଦେଖାଦେଇଥିବା ଡାଇରିଆ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ସୂଚନା ଅନୁସାରେ, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଗ୍ରାମକୁ ଯାଇ ରୋଗୀମାନଙ୍କୁ ଚିକିତ୍ସା ଓ ଔଷଧ ଯୋଗାଇ ଦେଉଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ସମ୍ପୃକ୍ତ ଗ୍ରାମ ଦୁଇଟିରୁ ଜଳ ଓ ମଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି ।

*Desk*

# ଷ୍ଟକ୍ ବଜାର

ମଧ୍ୟପ୍ରାଚ୍ୟରେ ଯୁଦ୍ଧସ୍ଥିତି ଏବଂ ଅସ୍ଥିରତା ଦେଖାଦେଇଥିବା ଯୋଗୁଁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ଗତ ୫ ଦିନ ମଧ୍ୟରେ ନିବେଶକମାନେ ୧୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ଗତ ୫ ଦିନ ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ୪ ହଜାର ୧୪୮ ପଏଣ୍ଟ ହ୍ରାସ ପାଇଛି । ଅନ୍ୟପକ୍ଷରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ବର୍ତ୍ତମାନ ସର୍ବକାଳୀନ ସର୍ବାଧିକ ପରିମାଣର ବୈଦେଶିକ ମୁଦ୍ରା ଗଚ୍ଛିତ କରିପାରିଛି । ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରର ମୂଲ୍ୟ ବର୍ତ୍ତମାନ ୭୦ ହଜାର ୪ ଶହ ଅଣାନବେ କୋଟି ଆମେରିକୀୟ ଡଲାର ସ୍ତରକୁ ଛୁଇଁଛି ।

*Desk*

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଓଡ଼ିଶାକୁ ବିଶେଷ ପ୍ରଭାବ ପକାଇବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଲଘୁଚାପ ଯୋଗୁଁ ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହୋଇପାରେ । ଉତ୍ତର ଓ ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନ ସହ ମାଲକାନଗିରି, କୋରାପୁଟ,

ରାୟଗଡ଼ା, ନବରଙ୍ଗପୁର ଆଦି ଜିଲ୍ଲାର କେତେକ ସ୍ଥାନରେ ଆଜି ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

*****